ଧରିତ୍ରୀ
DHARITRI

22nd Sept, 2019




ଆଇଆଇଟିର ୮ମ ସମାବର୍ତ୍ତନ ସମାରୋହରେ ଉପସ୍ଥିତ ଇସ୍ରୋର ଅଧ୍ୟକ୍ଷ ଡ. କେ. ଶିବନ୍‌ଙ୍କ ସହ ଅନ୍ୟମାନେ।

# ‘ସୁଯୋଗର ସଦୁପଯୋଗ ହିଁ ଶିକ୍ଷାର୍ଥୀଙ୍କ କର୍ତ୍ତବ୍ୟ’

ଭୁବନେଶ୍ୱର/କଟଣା, ୨୧।୯(ବ୍ୟୁରୋ/ଡି.ଏନ୍.ଏ.)

ଉଦ୍ୟମ କରୁଥିବା ମନୁଷ୍ୟଙ୍କୁ ବିଫଳତା ମିଳିଥାଏ। କିନ୍ତୁ ସେହି ବିଫଳତା ଭବିଷ୍ୟତରେ ତାଙ୍କର ସଫଳତାର ମୂଳମନ୍ତ୍ର ପାଲଟିଥାଏ ବୋଲି ଇସ୍ରୋର ଅଧ୍ୟକ୍ଷ ଡ. କେ. ଶିବନ୍ କହିଛନ୍ତି। ଶନିବାର ଆଇଆଇଟି ଭୁବନେଶ୍ୱରର ଅଷ୍ଟମ ସମାବର୍ତ୍ତନ ସମାରୋହରେ ଶିବନ୍ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି କହିଥିଲେ ଯେ, ସେ ତାମିଲନାଡୁର ଏକ ଛୋଟ ଗାଁ ସ୍କୁଲରେ ପାଠପଢ଼ା ଆରମ୍ଭ କରିଥିଲେ। ସମ୍ବଳ ଅଭାବରୁ ସେ ଯାହା ଚାହୁଁଥିଲେ ସେପରି ଅନୁଷ୍ଠାନରେ ଶିକ୍ଷାଲାଭ କରିପାରି ନ ଥିଲେ। ହେଲେ ନିଜ ନିଷ୍ଠା ଓ ଉଦ୍ୟମରୁ ଓହରି ଯାଇ ନ ଥିଲେ। ମିଳୁଥିବା ସୁଯୋଗର ସଦୁପଯୋଗ କରିବା ହିଁ ଶିକ୍ଷାର୍ଥୀର କର୍ତ୍ତବ୍ୟ, ଯାହା ଚାହୁଁଛ ତାହା ନ ପାଇବା ଭାଗ୍ୟର ଏକ ଚମତ୍କାରିତା ବୋଲି ଦଲାଇଲାମା କହିଥିବା ଉକ୍ତିକୁ ଉଦାହରଣ ଛଳରେ ସେ ଉଲ୍ଲେଖ କରିଥିଲେ। ମହାକାଶ ଗବେଷଣା ଆମ ଦୈନନ୍ଦିନ ଜୀବନ ନିମନ୍ତେ ଖୁବ୍ ଉପଯୋଗୀ। ଆମେ ବ୍ୟବହାର କରୁଥିବା ମୋବାଇଲ୍ ଫୋନଠାରୁ ଆରମ୍ଭ କରି ସମସ୍ତ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପାଇଁ ଗବେଷଣାର ଗୁରୁତ୍ୱ ବେଶ ଅଧିକ। ଏ ଦିଗରେ ଇସ୍ରୋ ଅବିରତ ପ୍ରୟାସ ଜାରି ରଖିଥିବା ଶିବନ୍ କହିଥିଲେ।



ସମାବର୍ତ୍ତନ ସମାରୋହରେ ଛାତ୍ରଛାତ୍ରୀ ଓ ଅନ୍ୟମାନେ।

ଜାତୀୟ ବିକାଶ ପାଇଁ ଅନେକ ସୁଯୋଗ ରହିଛି। ଏଥିପାଇଁ କେବଳ ଉଦ୍ୟମ ନୁହେଁ ଜ୍ଞାନ ମଧ୍ୟ ଆବଶ୍ୟକ ରହିଛି। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ, ଶିକ୍ଷା ହେଉଛି ଜୀବନବ୍ୟାପୀ ପ୍ରକ୍ରିୟା। ତୁମେ ସବୁ ଶିକ୍ଷା ପାଇଛ ଓ ସବୁକିଛି ଜାଣିସାରିଛ ବୋଲି କେବେ ଭାବିବ ନାହିଁ। ଆମ ନିକଟରେ ଉପଲବ୍ଧ ସମ୍ବଳର ସଦୁପଯୋଗ କରିପାରିଲେ ଆମ ଜୀବନ ସରସ ସୁନ୍ଦର ହୋଇପାରିବ। ଭାରତ ଏକ ଗରିବ ଦେଶ ନୁହେଁ। ଅନେକ କିଛି କରିବାର ଦକ୍ଷତା ଆମ ପାଖରେ ରହିଛି। ବିଭିନ୍ନ କ୍ଷେତ୍ରରେ ଭାରତ ବିଶ୍ୱରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛି। ଦାରିଦ୍ର୍ୟ ହ୍ରାସ, ସ୍ୱାସ୍ଥ୍ୟ ସେବା ପ୍ରଦାନ, ସାର୍ବଜନୀନ ଗୁଣାତ୍ମକ ଶିକ୍ଷା, ବିଶୁଦ୍ଧ ଜଳଯୋଗାଣ ଭଳି ସମସ୍ୟା ଆଜିର ଦିନରେ ଆହ୍ୱାନ ସୃଷ୍ଟି କରିଛି। ଏସବୁ କ୍ଷେତ୍ରରେ କାର୍ଯ୍ୟ କରି ଦେଶ ପାଇଁ କିଛି କରିବାକୁ ଶିବନ୍ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଆଇଆଇଟି ଉପରେ ସେ ମତ ରଖି କହିଥିଲେ ଯେ, ୨୦୦୮ରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ ସ୍ୱଳ୍ପ ସମୟ ଭିତରେ ଅନ୍ୟାନ୍ୟ ଆଇଆଇଟି ମଧ୍ୟରେ ନିଜର ଉତ୍କର୍ଷତା ପ୍ରମାଣ କରିପାରିଛି। ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ସହ ମାନବ ଜୀବନର ଗୁଣାତ୍ମକ ବିକାଶ ଲକ୍ଷ୍ୟସ୍ଥିର ଆଇଆଇଟିର ଅନ୍ୟତମ ସ୍ୱପ୍ନ। ମହାକାଶିକ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ମାନବ ଜୀବନର ସୁରକ୍ଷା ଓ ଗୁଣାତ୍ମକ ବିକାଶ ଇସ୍ରୋର ଲକ୍ଷ୍ୟ। ମାନବିକ ବିକାଶ ପାଇଁ ଉଭୟ ପ୍ରତିଷ୍ଠାନର ଅଙ୍ଗୀକାରବଦ୍ଧତା ସମାନ ବୋଲି ଶିବନ୍ ଗୁରୁତ୍ୱାରୋପ କରିଥିଲେ।

ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର ସମାରୋହରେ ପୌରୋହିତ୍ୟ କରି ଶିକ୍ଷାନୁଷ୍ଠାନର ବିଭିନ୍ନ କାର୍ଯ୍ୟକଳାପ ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଆଇଆଇଟି ବିଓଜିର ସଦସ୍ୟ ବି.କେ. ତିଆରୀ ନିଜ ବକ୍ତବ୍ୟରେ ଶିବନ୍‌ଙ୍କ ସଫଳତାର କାହାଣୀକୁ ବଖାଣିଥିଲେ। ଏହି ସମାରୋହରେ ୩୨ଜଣଙ୍କୁ ପିଏଚ୍‌ଡି, ୧୦୪ଜଣଙ୍କୁ ଏମ୍‌ଟେକ୍, ୬୭ଜଣଙ୍କୁ ଏମ୍‌ଏସ୍‌ସି ଓ ୧୫୨ ଜଣ ବି.ଟେକ୍ ବିଦ୍ୟାର୍ଥୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ବି.ଟେକ୍ ବ୍ୟାଚ୍‌ର କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ଛାତ୍ର ସ୍ନେହନ୍ ମହାପାତ୍ରଙ୍କୁ ପ୍ରେସିଡେଣ୍ଟ ସ୍ୱର୍ଣ୍ଣପଦକ ଉପାଧିରେ ସମ୍ମାନିତ କରାଯାଇଥିଲା। ସେହିପରି ରାହୁଲ ଦାସ, ଅନୁଭବ ନାଥଙ୍କୁ ଡାଇରେକ୍ଟର ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏହାଛଡ଼ା ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ବିଟେକ୍ ବ୍ୟାଚ୍‌ର ୫ଜଣ, ଏମ୍‌ଟେକ୍‌ରେ ୬ ଓ ଏମ୍‌ଏସ୍‌ସିରେ ୪ଜଣ ବିଦ୍ୟାର୍ଥୀଙ୍କୁ ଇନ୍‌ଷ୍ଟିଚ୍ୟୁଟ୍ ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଆଇଆଇଟିର ବିଦ୍ୟାର୍ଥୀ, ଫାକଲ୍ଟି, କର୍ମଚାରୀମାନେ ଉପସ୍ଥିତ ରହିଥିଲେ।